# REGIONAL NEWS UNIT, AIR CUTTACK
## Evening Bulletin (6.45 PM)
### 23rd March – 2026

***********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆରେ ଦେଖାଦେଇଥିବା ସଙ୍କଟ ମଧ୍ୟରେ ଭାରତର ଶକ୍ତିକ୍ଷେତ୍ର କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନାହିଁ; ଲୋକସଭାରେ କହିଲେ ପ୍ରଧାନମନ୍ତ୍ରୀ ।

- ଚୈତ୍ର ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ଆସନ୍ତା ବୁଧବାର ଦିନ ଶ୍ରୀଜିଉଙ୍କର ଅଳଙ୍କାର ଗଣତି ମଣତି ହେବ ଆରମ୍ଭ ।

- ରାଜ୍ୟରେ ଆସନ୍ତା ଶନିବାର ଦିନ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ୍ କରାଯିବା ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ।

ଏବଂ

- ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନ ବାବଦରେ ସଚେତନ କରାଇବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ପାଣିପାଗ ଦିବସ ।

*Desk*

# ପ୍ରଧାନମନ୍ତ୍ରୀ - ଲୋକସଭା

ପଶ୍ଚିମ ଏସିଆ ବିବାଦ ସତ୍ତ୍ୱେ ଭାରତର ଶକ୍ତି କ୍ଷେତ୍ରରେ କୌଣସି ସଂକଟ ଉପୁଜି ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଲୋକସଭାରେ ଆଜି ପଶ୍ଚିମ ଏସିଆ ବିବାଦ ଉପରେ ବିବୃତି ଦେଇ ଶ୍ରୀ ମୋଦୀ କହିଛନ୍ତି, ଦେଶବ୍ୟାପୀ ପେଟ୍ରୋଲ ଓ ଡିଜେଲ ଯୋଗାଣ ସଠିକ୍ ଭାବେ ଚାଲିଛି । ଦେଶରେ ୫ ଦଶମିକ ୩ ନିୟୁତ ଟନ୍‌ରୁ ଅଧିକ ପେଟ୍ରୋଲ ମହଜୁଦ ରହିଛି। ସରକାରଙ୍କ ପକ୍ଷରୁ ୬ ଦଶମିକ ୫ ନିୟୁତ ମେଟ୍ରିକ ଟନ୍‌ରୁ ଅଧିକ ଅତିରିକ୍ତ ସଂରକ୍ଷଣ ପାଇଁ ପ୍ରୟାସ ଜାରି ରହିଛି । ଗତ ୧୧ ବର୍ଷ ମଧ୍ୟରେ ଦେଶରେ ତୈଳ ବିଶୋଧନ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବା ସହିତ ବିଭିନ୍ନ ଦେଶର ଯୋଗାଣକାରୀଙ୍କ ସହିତ ସରକାର ନିରନ୍ତର ଯୋଗାଯୋଗରେ ରହିଛନ୍ତି। ବିଭିନ୍ନ ଉତ୍ସରୁ ତୈଳ ଓ ଗ୍ୟାସ ଯୋଗାଣ ଜାରି ରଖିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି।

*Puri/R*

# ରତ୍ନଭଣ୍ଡାର ଗଣତି ମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତିକୁ ନେଇ ଆଜି ଏ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ବୁଧବାର ୨୫ ତାରିଖ ଚୈତ୍ର

ଶୁକ୍ଳ ସପ୍ତମୀ ତିଥି ମାହେନ୍ଦ୍ର ବେଳା ମଧ୍ୟାହ୍ନ ୧୨ ଘଣ୍ଟା ୯ ମିନିଟ୍‌ରୁ ୧ ଘଣ୍ଟା ୪୫ ମିନିଟ୍ ମଧ୍ୟରେ ଗଣତିମଣତି ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଗଣତିମଣତି କରାଯିବ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣତି ମଣତି ପୂର୍ବରୁ ପୁରୀଠାରେ ଆଜି ପ୍ରାକ୍ ସମୀକ୍ଷା କରିଛନ୍ତି ।

***Voice (Harichandan)*** :.......

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ବୈଠକରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ପ୍ରତ୍ନତତ୍ତ୍ୱ ବିଭାଗ, ସ୍ୱର୍ଣ୍ଣକାର, ଶ୍ରୀମନ୍ଦିର ବଣିଆ ଓ ସେବାୟତମାନେ ଭାଗ ନେଇଥିଲେ । ମାର୍ଗଦର୍ଶିକା ଅନୁସାରେ ୧୯୭୮ ମସିହାର ଗଣତି ମଣତି ପୂର୍ଣ୍ଣାଙ୍ଗ ତାଲିକା ସହିତ ମେଳକ କରାଯିବ। ଗଣତିମଣତିର ଭିଡିଓଗ୍ରାଫି, ଫଟୋଗ୍ରାଫି ସହିତ ଥ୍ରୀ-ଡି ମ୍ୟାପିଂ କରାଯିବ।

***HS***

# ପୁଲିସ୍ କ୍ରୀଡ଼ାବିତ୍ ସମ୍ବର୍ଦ୍ଧନା

ରାଜ୍ୟ ଓ ଜାତୀୟ ସ୍ତରର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଓଡ଼ିଶା ପୁଲିସର ଖେଳାଳିମାନଙ୍କୁ ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଆଜି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ

ଖେଳାଳିମାନଙ୍କୁ ପ୍ରଶଂସା ପତ୍ର ସହ ନଗଦ ଅର୍ଥରାଶି ପ୍ରଦାନ କରିଛନ୍ତି । ସର୍ବଭାରତୀୟ ପୁଲିସ୍ ଓ ସିନିୟର୍ ନ୍ୟାସନାଲ୍ ଚାମ୍ପିୟନ୍‌ସିପ୍-୨୦୨୬ରେ ପଦକ ହାସଲ କରିଥିବା କ୍ରୀଡ଼ାବିତ୍ ଏବଂ ରୋଇଂ, କରାଟେ, କ୍ୟାନୋଇଂ ଏବଂ ଆଥଲେଟିକ୍ସର ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

***BBSR/R***

# ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ

ସମଗ୍ର ରାଜ୍ୟରେ ଆସନ୍ତା ଶନିବାର ଦିନ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ୍ କରାଯିବ ବୋଲି ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି । ଭୁବନେଶ୍ୱରଠାରେ ଆଜି ଆଭାସୀ ମାଧ୍ୟମରେ ଅଗ୍ନି ନିରାପତ୍ତା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସଚେତନତା କର୍ମଶାଳାରେ ଡକ୍ଟର ଷଡ଼ଙ୍ଗୀ' ବୈଷୟିକ ଜ୍ଞାନକୌଶଳ, ନିରାପତ୍ତାମୂଳକ ପଦକ୍ଷେପ ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ ।  ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ଅନୁଷ୍ଠିତ କର୍ମଶାଳାରେ ସହରାଞ୍ଚଳର ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଏବଂ ବୈଷୟିକ ପ୍ରସ୍ତୁତିକୁ ଅଧିକ ସମନ୍ୱିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

*Desk*

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ୨୯ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ମନ୍ କି ବାତ'ର ୧୩୨ତମ ସଂସ୍କରଣ ହେବ। କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

*Desk*

# ବିଶ୍ୱ ପାଣିପାଗ ଦିବସ

ମନୁଷ୍ୟ ସମାଜକୁ ପାଣିପାଗ ଏବଂ ଏଥିସହିତ ଜଡ଼ିତ ଜଳବାୟୁ ପରିବର୍ତ୍ତନ ବାବଦରେ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ପାଣିପାଗ

ଦିବସ ପାଳନ କରାଯାଉଛି। ୧୯୫୦ ମସିହା ଆଜିର ଦିନରେ ସ୍ୱିଜରଲ୍ୟାଣ୍ଡର ଜେନେଭାଠାରେ ବିଶ୍ୱ ପାଣିପାଗ ବିଭାଗ ଗଠନ କରାଯାଇଥିଲା । ୧୯୬୧ ମସିହା ପରଠାରୁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ପାଣିପାଗ ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି, 'ଆଜି ପର୍ଯ୍ୟବେକ୍ଷଣ, ଆସନ୍ତାକାଲିର ସୁରକ୍ଷା।' ବିଭିନ୍ନ ଦେଶରେ ପାଣିପାଗ ଦିବସ ପାଳନ ଅବସରରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ସହିତ ବୈଜ୍ଞାନିକମାନେ ସେମାନଙ୍କର ସୁଚିନ୍ତିତ ବିଚାରଧାରାକୁ ଉପସ୍ଥାପିତ କରିଥାନ୍ତି।

ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବ୍ୟାପକ ଧନଜୀବନ ନଷ୍ଟ ହେଉଥିବାବେଳେ ସମ୍ପ୍ରତି ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଯୋଗୁଁ ପାଣିପାଗ ପୂର୍ବାନୁମାନ କ୍ଷେତ୍ରରେ ଯଥେଷ୍ଟ ବିକାଶ ଘଟିଛି।

ଗତ ୭୬ ବର୍ଷ ମଧ୍ୟରେ ବିଶ୍ୱର ବିଭିନ୍ନ ପାଣିପାଗ ସଂସ୍ଥା ଜନସାଧାରଣ, ସରକାର ଏବଂ ବିଭିନ୍ନ ସଂଗଠନ ପାଇଁ ଯୋଗସୂତ୍ରକାରୀ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛନ୍ତି। ସଠିକ ପାଣିପାଗ ଆକଳନ ଓ ପୂର୍ବାନୁମାନ ଯୋଗୁଁ ଲକ୍ଷ ଲକ୍ଷ ଜୀବନ ରକ୍ଷା କରାଯାଇପାରୁଛି।

***Malkangiri/R***

## ଖଡ଼ିଛୁଆଁ

ମାଲକାନଗିରି ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆଜି ଜିଲ୍ଲାରେ 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି ।

ଜିଲ୍ଲା ଶିକ୍ଷା ବିଭାଗର ସୂଚନା ଅନୁସାରେ ଆସନ୍ତା ଏପ୍ରିଲ୍ ମାସ ୨ ତାରିଖରେ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ନାମଲେଖା ଦିବସ ପାଳନ କରାଯିବ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନ କମିଟି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରରଙ୍କୁ ସାମିଲ୍ କରାଯିବ । ମାଲକାନଗିରି ଜିଲ୍ଲାରେ ଶତ ପ୍ରତିଶତ ନାମଲେଖା ସୁନିଶ୍ଚିତ କରିବାପାଇଁ ଶିକ୍ଷା ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି ।

*Malkangiri, Ganjam/R*

## ଜନଗଣନା ପ୍ରସ୍ତୁତି

ଦେଶର ପ୍ରଥମ ସମ୍ପୂର୍ଣ୍ଣ ଡିଜିଟାଲ୍ ଜନଗଣନା-୨୦୨୭କୁ ସଫଳ କରିବାପାଇଁ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି । ମାଲକାନଗିରି ନୋଡାଲ୍ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ପ୍ରଥମ ବ୍ୟାଚ୍ ତାଲିମ୍ ଶିବିର ସଫଳତାର ସହ ଶେଷ ହୋଇଛି । ସମଗ୍ର ଜିଲ୍ଲାରେ ଜନଗଣନା କାର୍ଯ୍ୟପାଇଁ ମୋଟ୍ ୧ ହଜାର ୨୬୯ ଜଣ ଗଣନାକାରୀ ଏବଂ ୨୨୭ ଜଣ ସୁପରଭାଇଜର୍‌ଙ୍କୁ ନିୟୋଜିତ କରାଯାଇଛି । ଏପ୍ରିଲ୍ ୧୬ରୁ ମଇ ମାସ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷିତ ଗଣନାକାରୀମାନେ ଘରକୁ ଘର ବୁଲି ଡିଜିଟାଲ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ ।

ଗଞ୍ଜାମ ଜିଲ୍ଲା ଆସିକା ତହସିଲ୍ ଓ ଏନ୍.ଏ.ସି. ପକ୍ଷରୁ ତିନିଦିନିଆ ଜନଗଣନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଆସିକା ବ୍ଲକ୍ ପାଇଁ ୨ଟି ବ୍ୟାଚ୍‌ରେ ୯୦ ଜଣ ଓ ପୌରାଞ୍ଚଳପାଇଁ ଗୋଟିଏ ବ୍ୟାଚ୍‌ରେ ୩୩ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

***Rayadada, Nayagarh, Gajapati, Bhadrak, Deogarh, Nabarangpur, Boudh, Malkangiri, Sonepur/R***

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଜିଲ୍ଲାପାଳଙ୍କ ସଭାଗୃହରେ ଉପଖଣ୍ଡସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୋଟ୍ ୮୫ଟି ଅଭିଯୋଗର ଶୁଣାଣି ହୋଇଛି ।

ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍‌ରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ମଧୁମିତା ୬୮ଟି ଅଭିଯୋଗ ମଧ୍ୟରୁ ୧୯ଟିର ତତ୍କାଳ ଶୁଣାଣି କରିଥିଲେ ।

ଗଜପତି ଜିଲ୍ଲା ରାୟଗଡ଼ସ୍ଥିତ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍ ୫୨ଟି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଦିଲୀପ ରାଉତରାୟ ୩୩ଟି ଅଭିଯୋଗର ଶୁଣାଣି କରି ୯ ଜଣଙ୍କୁ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ୨୮ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି ।

ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ୍ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ୪୩ଟି ଅଭିଯୋଗର ଶୁଣାଣି କରିଛନ୍ତି ।

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍‌ରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ୍ ୨୯ଟି ଅଭିଯୋଗର ଶୁଣାଣି ହୋଇ ୭ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ପଞ୍ଜିକୃତ ହୋଇଥିବା ୬୪ଟି ଅଭିଯୋଗ ମଧ୍ୟରୁ ୨୧ଟିର ତୁରନ୍ତ ସମାଧାନ କରାଯାଇଥିଲା ।

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ କମାରପଲ୍ଲୀ ପଞ୍ଚାୟତ ପରିସରରେ ଅନୁଷ୍ଠିତ ଶିବିରରେ ୫୦ଟି ମାମଲାର ଶୁଣାଣି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲାର ବିନିକା ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ୨୧୪ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା ।

*Baragarh/R*

# ସିକିଲ୍‌ସେଲ୍

ବରଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ସିକିଲ୍ ସେଲ୍ ଆନେମିଆ ନିରାକରଣ କାର୍ଯ୍ୟକ୍ରମ ଏବଂ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପର୍କିତ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉଭୟ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ସଂଯୁକ୍ତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସିକିଲ୍‌ସେଲ୍ ଆନେମିଆର ପ୍ରତିରୋଧ, ପୂର୍ବ ଚିହ୍ନଟ ଓ ପରିଚାଳନା ସହିତ ତମାଖୁ ବ୍ୟବହାରର କୁ-ପ୍ରଭାବ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା ।

*Gajapati/R*

# ରେଡ୍‌କ୍ରସ୍ ତାଲିମ୍

ଭାରତୀୟ ରେଡ୍‌କ୍ରସ୍ ଓଡ଼ିଶା ରାଜ୍ୟ ଶାଖା ଭୁବନେଶ୍ୱର ଏବଂ ଗଜପତି ଜିଲ୍ଲା ଜୁନିୟର୍ ରେଡ୍‌କ୍ରସ୍ ସହଯୋଗରେ ପାରଳାଖେମୁଣ୍ଡିସ୍ଥିତ ମହେନ୍ଦ୍ରଗିରି ମ୍ୟୁନିସିପାଲିଟି ଉଚ୍ଚ ବିଦ୍ୟାଳୟଠାରେ ଅନୁସୂଚିତ ଜାତି ଓ ଜନଜାତି

ବାଳିକାମାନଙ୍କ ସଶକ୍ତୀକରଣ ଏବଂ ଅନାଥ ଶିଶୁଙ୍କପାଇଁ ସାମର୍ଥ୍ୟ ଯୋଗାଇଦେବା ନେଇ ଏକଦିବସୀୟ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୧୦୦ ଜଣ ବାଳିକା ଯୋଗ ଦେଇଥିଲେ । ବିଦ୍ୟାଳ ସ୍ତରରେ ରେଡ୍‌କ୍ରସ୍‌ର ଭୂମିକା, ପ୍ରାଥମିକ ଚିକିତ୍ସା, ସଡ଼କ ସୁରକ୍ଷା, ରକ୍ତଦାନ, ପ୍ରାକୃତିକ ବିପର୍ଯ୍ୟୟ ଓ ପରିବେଶ ସମ୍ପର୍କରେ ଉଭୟ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତାମାନେ ସଚେତନ କରାଇଥିଲେ ।

***Kandhamal/R***

## ଆଇନଜୀବୀ - ତାଲିମ୍ ଶିବିର

ଫୁଲବାଣୀ ଆଇ.ଟି.ଡି.ଏ. ସମ୍ମିଳନୀ କକ୍ଷରେ ନବନିଯୁକ୍ତ ସରକାରୀ ଆଇନଜୀବୀମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଦିନିଆ ତାଲିମ୍ ପ୍ରଦାନ କରାଯାଇଛି । ଆଇନ ବିଭାଗ ଏବଂ ରାଜ୍ୟ ଅଭିଯୋଜନ ନିର୍ଦ୍ଦେଶାଳୟର ମିଳିତ ଆନୁକୂଲ୍ୟରେ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ପୋକ୍ସୋ, ମାନବ ଚାଲାଣ, ସାଇବର ଅପରାଧ ଏବଂ ନୂତନ ଫୌଜଦାରୀ ଆଇନ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯାଇଥିଲା ।

******